# ପ୍ରଫେସର ପ୍ରଦୀପ୍ତ କିଶୋର ଦାଶ

ଓଡ଼ିଶାର ଇଞ୍ଜିନିୟରିଂ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଜଣେ ଅଗ୍ରଗଣ୍ୟ ବୈଜ୍ଞାନିକ ଭାବେ ନିଜକୁ ପ୍ରତିଷ୍ଠିତ କରି ପାରିଛନ୍ତି ପ୍ରଫେସର ପ୍ରଦୀପ୍ତ କିଶୋର ଦାଶ । ୧୯୪୧ ମସିହା ଜାନୁୟାରୀ ୨୯ ତାରିଖରେ ବାଲେଶ୍ୱର ଠାରେ ତାଙ୍କ ଜନ୍ମ । ବାଙ୍ଗାଲୋରସ୍ଥିତ 'ଭାରତୀୟ ବିଜ୍ଞାନ ସଂସ୍ଥାନ'ରୁ ଇଲେକ୍ଟ୍ରିକାଲ



ଇଞ୍ଜିନିୟରିଂରେ ସ୍ନାତକ, ପାୱାର ଇଞ୍ଜିନିୟରିଂରେ ସ୍ନାତକୋତ୍ତର ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂରେ ପିଏଚ୍.ଡି. ଡିଗ୍ରୀ ଅର୍ଜନ କଲାପରେ କାନାଡ଼ାର 'କାଲଗାରୀ ବିଶ୍ୱବିଦ୍ୟାଳୟ'ରେ ଦୁଇବର୍ଷର ପୋଷ୍ଟ-ଡକ୍ଟରାଲ ଅଭିଜ୍ଞତା ସେ ଲାଭ କରିଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟରୁ 'ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆଣ୍ଡ ସଫ୍ଟ କମ୍ପ୍ୟୁଟିଙ୍ଗ୍ ଇନ୍ ପାୱାର ଇଞ୍ଜିନିୟରିଂ' କ୍ଷେତ୍ରରେ ଡି.ଏସ୍‌ସି. ଉପାଧି ତାଙ୍କର ଅନ୍ୟତମ କୃତିତ୍ୱ ।

ପ୍ରଫେସର ଦାଶ ୧୯୬୮ରୁ ୨୦୦୧ ମସିହା ପର୍ଯ୍ୟନ୍ତ ରାଉରକେଲାସ୍ଥିତ ତତ୍କାଳୀନ 'ଆଞ୍ଚଳିକ ଇଞ୍ଜିନିୟରିଂ କଲେଜ'ର ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ବିଭାଗରେ ଆସିଷ୍ଟାଣ୍ଟ ପ୍ରଫେସର ଓ ପ୍ରଫେସର ଭାବେ କାର୍ଯ୍ୟ କରିଛନ୍ତି । ବିଭିନ୍ନ ସମୟରେ କାନାଡ଼ା, ସ୍ୱିଜରଲାଣ୍ଡ, ଆମେରିକା, ସିଙ୍ଗାପୁର ଓ ମାଲେସିଆ ପ୍ରଭୃତି ବହୁ ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ପରିଦର୍ଶକ ଅଧ୍ୟାପକ ଓ ଗବେଷକଭାବେ ବିପୁଳ ଅଭିଜ୍ଞତା ଅର୍ଜନ କରିଛନ୍ତି । ସରକାରୀ ଚାକିରିରୁ ଅବସର ଗ୍ରହଣ କଲାପରେ 'ସିଲିକନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲଜି', 'କଲେଜ ଅଫ୍ ଇଞ୍ଜିନିୟରିଂ', 'ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେଶନ୍ ଆଣ୍ଡ ରିସର୍ଚ୍ଚ' ଭଳି ରାଜ୍ୟର କେତେକ ଅଗ୍ରଣୀ ଘରୋଇ ଶିକ୍ଷାନୁଷ୍ଠାନରେ ନିର୍ଦ୍ଦେଶକ ଓ ଡିନ୍ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି ।

ପ୍ରଫେସର ଦାଶ ତାଙ୍କର ଦୀର୍ଘ ଗବେଷଣା ଆଧାରୀ ବୈଷୟିକ କ୍ଷେତ୍ରରେ ଅନନ୍ୟ ଉତ୍କର୍ଷ ପ୍ରଦର୍ଶନ କରିଛନ୍ତି । ତାଙ୍କ ତତ୍ତ୍ୱାବଧାନରେ ୩୦ ଜଣ ଗବେଷକ

ପିଏଚ୍.ଡି. ଡିଗ୍ରୀ ହାସଲ କରିଛନ୍ତି ଏବଂ ଏବେ ମଧ୍ୟ ୧୫ ଜଣ ଛାତ୍ର ଗବେଷଣାରତ ଅଛନ୍ତି । ତାଙ୍କର ଦୁଇଶହରୁ ଊର୍ଦ୍ଧ୍ୱ ଗବେଷଣାତ୍ମକ ନିବନ୍ଧ ବିଭିନ୍ନ ବିଜ୍ଞାନ ପତ୍ରିକାମାନଙ୍କରେ ପ୍ରକାଶ ଲାଭ କରିଛି ଏବଂ ୧୫୦ରୁ ଅଧିକ ନିବନ୍ଧ ବିଭିନ୍ନ ସମ୍ମିଳନୀରେ ଉପସ୍ଥାପିତ କରାଯାଇଛି ।

ରାଉରକେଲାସ୍ଥିତ ଆଞ୍ଚଳିକ ଇଞ୍ଜିନିୟରିଂ କଲେଜରେ 'ଏନର୍ଜି ରିସର୍ଚ୍ଚ ସେଣ୍ଟର' ଓ 'ସେଣ୍ଟର ଫର୍ ଇଣ୍ଟେଲିଜେଣ୍ଟ ସିଷ୍ଟମ୍‌ସ'ର ସ୍ଥାପନା କରିବା ସାଙ୍ଗକୁ ଦେଶ ବିଦେଶର ବହୁ ସଂସ୍ଥାର ଆର୍ଥିକ ସହାୟତାରେ ୨୩ଟି ପ୍ରକଳ୍ପ ସଫଳତାର ସହ ସମ୍ପୂର୍ଣ୍ଣ କରିଛନ୍ତି ପ୍ରଫେସର ଦାଶ । ଦେଶ ଓ ବିଦେଶରେ ପ୍ରକାଶିତ ଅନେକଗୁଡ଼ିଏ ପୁସ୍ତକରେ ତାଙ୍କ ଗବେଷଣାଲବ୍ଧ ଜ୍ଞାନ ସ୍ଥାନିତ ହୋଇଛି । 'ଇଣ୍ଟରନ୍ୟାସନାଲ ଜର୍ଣ୍ଣାଲ୍ ଅଫ୍ ପାୱାର ଆଣ୍ଡ ଏନର୍ଜି କନ୍‌ଭର୍‌ସନ୍'ର ସମ୍ପାଦକ ଓ 'ଇଣ୍ଟରନ୍ୟାସନାଲ୍ ଜର୍ଣ୍ଣାଲ୍ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଇଲେକ୍‌ଟ୍ରନିକ୍‌ସ'ର ସହ ସମ୍ପାଦକ ଭାବେ କାର୍ଯ୍ୟ କରିବା ସହ ଅନ୍ୟାନ୍ୟ ବହୁ ଜର୍ଣ୍ଣାଲର ଉପଦେଷ୍ଟା ଓ ସମୀକ୍ଷକ ଭାବେ ଦାୟିତ୍ୱ ବହନ କରିଛନ୍ତି ।

ଛାତ୍ରଜୀବନରୁ ଆରମ୍ଭ କରି ଏ ପର୍ଯ୍ୟନ୍ତ ପ୍ରଫେସର ଦାଶ ବହୁ ସମ୍ମାନ ଲାଭ କରିଛନ୍ତି । ଶ୍ରେଷ୍ଠ ଗ୍ରାଜୁଏଟ୍ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଦତ୍ତ ସ୍ୱର୍ଣ୍ଣପଦକ ଏବଂ ବିଭିନ୍ନ ସମ୍ମିଳନୀରେ ଶ୍ରେଷ୍ଠ ନିବନ୍ଧ ଉପସ୍ଥାପକ ଭାବେ 'ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରସ୍, ଇଣ୍ଡିଆ' ଦ୍ୱାରା ପ୍ରଦତ୍ତ ସ୍ୱର୍ଣ୍ଣପଦକ ଏଥିରେ ଅନ୍ତର୍ଭୁକ୍ତ । ଇଞ୍ଜିନିୟରିଂ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ତାଙ୍କ ଅବଦାନର ସ୍ୱୀକୃତି ସ୍ୱରୂପ ଓଡ଼ିଶା ବିଜ୍ଞାନ ଏକାଡ଼େମୀର 'ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର' ଲାଭ କରିଛନ୍ତି ଏବଂ 'ଇଣ୍ଡିଆନ୍ ନ୍ୟାସ୍‌ନାଲ ଏକାଡ଼େମୀ ଅଫ୍ ଇଞ୍ଜିନିରିଂ'ର ଫେଲୋଭାବେ ନିର୍ବାଚିତ ହୋଇଛନ୍ତି ।

ଇଞ୍ଜିନିୟରିଂ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଅର୍ଜନ କରିଥିବା କୃତିତ୍ୱର ସ୍ୱୀକୃତି ସ୍ୱରୂପ ଓଡ଼ିଶା ବିଜ୍ଞାନ ଏକାଡ଼େମୀ ୨୦୧୦ ମସିହା ପାଇଁ ପ୍ରଫେସର ଦାଶଙ୍କୁ **ବୈଜ୍ଞାନିକ ଉତ୍କର୍ଷ ପାଇଁ ବିଜୁ ପଟ୍ଟନାୟକ ପୁରସ୍କାର** ପ୍ରଦାନ କରିବା ସହ ତାଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରୁଛି ।

***

# PROFESSOR PRADIPTA KISHORE DASH

Professor Pradipta Kishore Dash is a most venerated name in the field of Engineering and Technology in Odisha. Born at Balasore on 29th January 1941, he completed B.E. in



Electrical Engineering and M.E. in Power Engineering from Indian Institute of Science, Bangalore. After obtaining Ph.D. degree in Electrical Engineering from Sambalpur University he spent two years at the University of Calgari, Canada for post-doctoral work. He has also obtained D.Sc. degree from Utkal University for his research in the domain of 'Artificial Intelligence and Soft Computing in Power Engineering'.

Professor Dash joined the Regional Engineering College (now National Institute of Technology), Rourkela in 1968 and worked there as Assistant Professor and Professor in the Department of Electrical Engineering till 2001. On different occasions he has visited a number of Universities in Countries like Canada, Switzerland, USA, Singapore, Malaysia etc. as Visiting Professor and Research Scientist. After superannuation he has provided guidance in research and academics as Director at leading engineering institutes of the state such as Silicon Institute of Technology, College of Engineering and ITER. He is currently working as Director, Research and Consultancy at SOA University, Bhubaneswar.

Professor Dash has spent more than 40 years in the field of teaching and research during which he has contributed widely to different domains in the fields of Electrical Engineering and Computer Engineering. 30 researchers have

completed Ph.D. degree under his guidance and 15 scholars are now working with him. As a leading collaborator he has published over 200 research papers in various prestigious journals besides presenting more than 150 papers in conferences. He was instrumental in establishing the 'Energy Research Centre' and the 'Centre for Intelligent Systems' at the Regional Engineering College, Rourkela. With financial grants from several institutions in India and aborad, he has completed as many as 23 research projects. He has written chapters in several books published in and outside India. To his credit, he has been the Editor of the 'International Journal of Power and Energy Conversion' and Associate Editor of the 'International Journal of Industrial Electronics'. He is also working as a Reviewer for several prestigious International Journals of IEEE, IET and Elsevier Science. He has chaired several research presentation sessions in international and national conferences.

Professor Dash has won a number of laurels for his excellence in academics and research. He received the Utkal University Gold Medal for being the Best Graduate. He won the 'Institution of Engineer's, India' Gold Medals several times for best papers. He has received the prestigious 'Samanta Chandra Sekhar Award' from Orissa Bigyan Academy. He has also been elected Fellow of the 'Indian National Academy of Engineering'.

In humble recognition of the excellent contributions made by Professor Dash in the field of Engineering and Technology, Orissa Bigyan Academy feels honoured to confer on him the **"Biju Patnaik Award for Scientific Excellence"** for the year 2010. The Academy wishes him a long and happy life.

***